## ବେଆଇନ ନିର୍ମାଣ ରେଭେନ୍ସା ଜୁନିଅର କ୍ୟାମ୍ପସକୁ ବିରୋଧ

# ଖରସୁଆଁ ନାଳ ପୋତିବା ବିରୋଧରେ ଆନ୍ଦୋଳନ ଚେତାବନୀ

କଟକ,୨୯/୬/ଏନ୍ଏନ୍ଏସ୍: ସରକାର ଓ ସିଡିଏର ଅପାରଗତା ବିରୋଧରେ ସିଡିଏ ସେକ୍ଟର-୧୩ ଆବାସିକ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଖରସୁଆ ନାଳ ଉପରେ ରେଭେନ୍ସା ଜୁନିୟର କ୍ୟାମ୍ପସ ନିମନ୍ତେ ପୋତେଇ ଓ ଗୃହ ନିର୍ମାଣ କାର୍ଯ୍ୟକୁ ସଂଘ ପକ୍ଷରୁ ବିରୋଧ କରାଯାଇ ସିଡିଏ କର୍ତ୍ତୃପକ୍ଷ, ସିଏମ୍‌ସି କମିଶନର, ଜିଲ୍ଲାପାଳଙ୍କ ସମେତ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପୁନଶ୍ଚ ଏପ୍ରିଲ ୨୮ତାରିଖରେ ସିଏମ୍‌ସି କମିଶନର ଅନନ୍ୟା ଦାସ ସିଡିଏ ସେକ୍ରେଟାରୀ ଦାୟିତ୍ୱ ଗ୍ରହଣ କରିବାପରେ ସଂଘର ଏକ ପ୍ରତିନିଧି ଦଳ ଭେଟିବା ପରେ ୨୯ତାରିଖରେ ସିଡିଏ କର୍ତ୍ତୃପକ୍ଷ, ଡ୍ରେନେଜ କର୍ତ୍ତୃପକ୍ଷ ଓ ଜନସେଚନ ବିଭାଗ ଅଧିକାରୀ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଏନବିସିସି ଓ ରେଭେନ୍ସା କର୍ତ୍ତୃପକ୍ଷ ସହ ବିଭାଗୀୟ ଅଧିକାରୀ ସାଲିସ କରି କାର୍ଯ୍ୟ ଆରମ୍ଭ ପାଇଁ ପଦର୍ଶାଇଛନ୍ତି ।



ନଚେତ ୬ଜଣିଆ କମିଟି ଓ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟବନ୍ଦ ଆଦେଶ ଅନୁପାଳନ ହେଲାନାହିଁ କାହିଁକି ବୋଲି ସଂଘ ପକ୍ଷରୁ ପ୍ରଶ୍ନ କରଯାଇଛି । ଖରସୁଁଆ ନାଳ ଉପରେ ବ୍ରଜବିହାରୀପୁର, ରେଭେନ୍ସା, ନ୍ୟାସନାଲ ଲ'କଲେଜ, ସେକ୍ଟର ୧୩ ସମେତ ଅନ୍ୟାନ୍ୟ ସେକ୍ଟରର ଲୋକେ ଜଳ ନିଷ୍କାସନ ନିମନ୍ତେ ନିର୍ଭର କରିଥାନ୍ତି । ଯଦି ଏହା ଅବରୋଧ ହୁଏ ତେବେ ଏହି ଅଞ୍ଚଳର ଜନସାଧାରଣ ଜଳବନ୍ଦୀ ରହିବେ । ଅତୀତରେ ୧୯୯୪ ମସିହା, ୧୯୯୫ ମସିହା, ୧୯୯୮ ମସିହା ଓ ୨୦୦୨ ମସିହାରେ ନଦୀପାଣି ଅଧିକ ମାଡ଼ିଆସେ ଏହି ନାଳ ନେଇ ନିଷ୍କାସନ ହୋଇଥାଏ । ଅନ୍ୟପକ୍ଷରେ ରେଭେନ୍ସା ସିଡିଏର ରାସ୍ତାସହିତ ୧୫ ଏକର ଜମି ନେବା ସହିତ ପ୍ଲାନ ଅପ୍ରୁଭାଲ ନଥାଇ ଗୃହ ନିର୍ମାଣ କାର୍ଯ୍ୟକରୁଥିବାରୁ ଏ ନେଇ ସିବିଆଇ ତଦନ୍ତ ପାଇଁ ଦାବି ହୋଇଛି । ତେଣୁ ଏହା ଉପରେ ସରକାର ଓ ସିଡିଏ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ ନକଲେ ସଂଘ ପକ୍ଷରୁ କରୋନା ଆତଙ୍କ ଥିଲେ ମଧ୍ୟ ସରକାରଙ୍କୁ ଦାୟୀ କରି ପୂର୍ବଭଳି ରାଜରାସ୍ତା ସହିତ ସିଡିଏ କାର୍ଯ୍ୟାଳୟକୁ ବନ୍ଦ କରିବାପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବା ସମ୍ପାଦକ ସୋମରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com